# ଆଜି ଅନୁଗୋଳରୁ ୫ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୨୫୯ ରେ ।

ଅନୁଗୋଳ,୨୬.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବଁଅରପାଲ ବ୍ଲକ ଅଂଚଳରୁ ୪ ଜଣ ଓ ଜଣେ ଅନୁଗୋଳ ପୌରପାଳିକା ଅଂଚଳରୁ ଚିହ୍ନଟ ହୋଇଛନ୍ତି । ବଁଅରପାଲ ବ୍ଲକରୁ ବାହାରିଥିବା ଆକ୍ରାନ୍ତଂକ ମଧ୍ୟରେ ୨ ଜଣ ପୁରୁଷ ଯାହାଂକ ବୟସ ୫୧ ଓ ୩୦ ଓ ଜଣେ ମହିଳାଙ୍କ ବୟସ ୨୩ ବର୍ଷ ଅଟେ । ଏହି ୩ ଜଣ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସିଥିବାରୁ ତାଂକର ପଜିଟିଭ ବାହାରିଥିବା ଜଣାପଡିଛି । ସେହିପରି ଏହି ବ୍ଲକ୍ ଅଂଚଳର ଜଣେ ୨୯ ବର୍ଷୀୟ ପୁରୁଷ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଂକର ପଜିଟିଭ ବାହାରିଛି । ଅନୁଗୋଳ ପୌରପାଳିକା ଅଂଚଳର ଜଣେ ୫୧ ବର୍ଷୀୟ ପୁରୁଷ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ଜଣାପଡିଛି । ଏହି ୫ ଜଣ ଆକ୍ରାନ୍ତଂକ ମଧ୍ୟରୁ ୪ ଜଣଂକୁ ଆଜି ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ପଜିଟିଭ ବାହାରିଥିବା ଅଂଚଳକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକା ନିର୍ବାହୀ ଅଧିକାରୀ ଅଗ୍ନିଶମ ଅଧିକାରୀଂକ ସହ ମିଶି ବିଶୋଧନ କରିବା ସହ କଣ୍ଟ୍ରାକ୍ଟ ଟ୍ରେସିଂ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଆଜି ବାହାରିଥିବା ଏହି ୫ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୨୫୯ରେ ପହଂଚିଲା । ଇତି ମଧ୍ୟରେ ୧୪ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୧୪୯ କୁ ମିଶାଇ ସୁସ୍ଥଂକ ସଂଖ୍ୟା ୧୬୩ ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୮୬ ତା.୨୬.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୬/୭/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।